ଓଡିଶା ରାଜ୍ୟ ବିଦ୍ୟୁତ ବୋର୍ଡ

ବନାମ

ଓଡିଶା ଟାଇଲ୍ ଲିମିଟେଡ

ମାର୍ଚ୍ଚ 31,1993

[ବି. ପି. ଜୀବନ ରେଡ୍ଡି ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତୀ ଦ୍ୱୟ ।]

*ଭାରତୀୟ ବିଦ୍ୟୁତ ଅଧିନିୟମ, 1910:*

*ବିଦ୍ୟୁତ ବୋର୍ଡ ଏବଂ ଉପଭୋକ୍ତାଙ୍କ ମଧ୍ୟରେ ଚୁକ୍ତି-ସର୍ବନିମ୍ନ ଶୁଳ୍କ ପାଇଁ ବ୍ୟବସ୍ଥା-ବିଦ୍ୟୁତ ଶୁଳ୍କ ପଇଠ କରିବାରେ ଖିଲାପ-ଯୋଗାଣ ବିଚ୍ଛିନ୍ନ କରିବା-ଯୋଗାଣ ବିଚ୍ଛିନ୍ନ ହେବା ତାରିଖ ଠାରୁ ପରବର୍ତ୍ତୀ ଅବଧି ପାଇଁ ଉପଭୋକ୍ତାଙ୍କୁ ସର୍ବନିମ୍ନ ଶୁଳ୍କ ପଇଠ କରିବାର ଦାୟୀତ୍ୱ -ସଂଯୋଗ ବିଚ୍ଛିନ୍ନ ହେବା ଠାରୁ ପରବର୍ତ୍ତୀ ଅବଧି ପାଇଁ ଉପଭୋକ୍ତାଙ୍କୁ ସର୍ବନିମ୍ନ ଶୁଳ୍କ ଦେବାକୁ ପଡ଼ିବ।*

**ଉତରଦାତା -ଶିଳ୍ପ 5 ମାର୍ଚ୍ଚ 1965 ରେ ବିଦ୍ୟୁତ୍ ଯୋଗାଣ ପାଇଁ ଆବେଦନକାରୀ-ବୋର୍ଡ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ । ଚୁକ୍ତିନାମା ଅନୁଯାୟୀ, ଯାହା ପାଞ୍ଚ ବର୍ଷ ପାଇଁ ବୈଧ ଥିଲା, ଅର୍ଥାତ୍ 5 ମାର୍ଚ୍ଚ 1970 ପର୍ଯ୍ୟନ୍ତ, ଯାହାବି ହେଉ ଉପଭୋକ୍ତା କିଛି ସର୍ବନିମ୍ନ ଶୁଳ୍କ ଦେବାକୁ ବାଧ୍ୟ ଥିଲେ । ତେବେ, ବିଦ୍ୟୁତ ଶୁଳ୍କ ପଇଠ ନକରିବା ହେତୁ 30 ଅପ୍ରିଲ , 1968 ମସିହାରେ ବିଦ୍ୟୁତ ଯୋଗାଣକୁ କାଟି ଦିଆଯାଇଥିଲା । ଯେହେତୁ ଉତରଦାତା ସଂଯୋଗ ବିଚ୍ଛିନ୍ନ ହେବାର ତାରିଖ ପରବର୍ତ୍ତୀ ଅବଧି ପାଇଁ ସର୍ବନିମ୍ନ ଶୁଳ୍କ ପ୍ରଦାନ କରିବାରେ ବିଫଳ ହୋଇଥିଲେ, ବିଦ୍ୟୁତ୍ ବୋର୍ଡ 30 ଏପ୍ରିଲ, 1968 ପର୍ଯ୍ୟନ୍ତ ବ୍ୟବହୃତ ବିଦ୍ୟୁତର ବକେୟା ରାଶି ଏବଂ 1 ମଇ , 1968 ରୁ ମାର୍ଚ୍ଚ 5, 1970 ପର୍ଯ୍ୟନ୍ତ ସର୍ବନିମ୍ନ ଶୁଳ୍କ ପଇଠ ପାଇଁ ଏକ ମକଦ୍ଦମା ଦାୟର କରିଥିଲା । ବିଚାର କରୁଥିବା ନ୍ୟାୟାଳୟ ଏହି ମକଦ୍ଦମାରେ ଆଇନଗତ ଆଦେଶ ପ୍ରଦାନ କରିଛନ୍ତି ।**

**ଉତରଦାତା ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଏହି ଆବେଦନ କରିଥିଲେ ଯାହା କେବଳ ସଂଯୋଗ ବିଚ୍ଛିନ୍ନ ହେବା ତାରିଖ ପର୍ଯ୍ୟନ୍ତ ବିଚାର କରୁଥିବା ଅଦାଲତଙ୍କ ଆଇନଗତ ଆଦେଶକୁ ବଜାୟ ରଖିଥିଲା, କିନ୍ତୁ ସଂଯୋଗ ବିଚ୍ଛିନ୍ନ ହେବା ତାରିଖ ଠାରୁ ପରବର୍ତ୍ତୀ ଅବଧି ପାଇଁ ଦେୟ ଦାବି କରିବା ଏହି ଆଧାରରେ ପ୍ରତ୍ୟାଖ୍ୟାନ କରିଥିଲେ ଯେ ଯେହେତୁ ଉତରଦାତା ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବାର ପରବର୍ତ୍ତୀ ଅବଧି ମଧ୍ୟରେ କୌଣସି ବିଦ୍ୟୁତ ଶକ୍ତିର ଲାଭ ଉଠାଇନଥିଲେ, ତେଣୁ ସେହି ଅବଧି ପାଇଁ ସର୍ବନିମ୍ନ ଦେୟ ଦେବାକୁ ଉତ୍ତରଦାୟୀ ନୁହନ୍ତି ।**

**ଏହି ଅଦାଲତର ଆବେଦନରେ, ବିଦ୍ୟୁତ୍ ବୋର୍ଡ ତରଫରୁ ଯୁକ୍ତି କରାଯାଇଥିଲା ଯେ ବିହାର ରାଜ୍ୟ ବିଦ୍ୟୁତ୍ ବୋର୍ଡ, ପାଟନା ଏବଂ ଅନ୍ୟମାନେ ବନାମ ମେସର୍ସ ଗ୍ରୀନ୍ ରବର ଇଣ୍ଡଷ୍ଟ୍ରିଜ୍ ଏବଂ ଅନ୍ୟମାନେ, [1990] 1 ଏସ.** *ସି. ସି. 731 ମାମଲାରେ ଏହି ନ୍ୟାୟାଳୟର ରାୟକୁ ଦୃଷ୍ଟିରେ ରଖି ଉତରଦାତା ସଂଯୋଗ ବିଚ୍ଛିନ୍ନ ହେବାର ପରବର୍ତ୍ତୀ ଅବଧି ପାଇଁ ସର୍ବନିମ୍ନ* **ଦେୟ ଦେବାକୁ ଦାୟୀ ଥିଲେ ।**

**ଆବେଦନକୁ ଅନୁମତି ପୂର୍ବକ ଏବଂ ଉଚ୍ଚ ନ୍ୟାୟାଳୟର ଆଦେଶକୁ ରଦ୍ଦ କରି, ଏହି ନ୍ୟାୟାଳୟ କହିଛନ୍ତି ଯେ:**

**ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିର ଖଣ୍ଡ (13) ଉପଭୋକ୍ତାଙ୍କୁ ଯାହାବି ହେଉ ଏକ ନିର୍ଦ୍ଦିଷ୍ଟ ସର୍ବନିମ୍ନ ଶୁଳ୍କ ଦେବାକୁ ବାଧ୍ୟ କରିଥାଏ । ବିଚାର କରୁଥିବା ନ୍ୟାୟାଳୟର ରାୟ ଏବଂ ଆଇନଗତ ଆଦେଶକୁ ପୁନଃସ୍ଥାପିତ କରାଗଲା ।**

*ବିହାର ରାଜ୍ୟ ବିଦ୍ୟୁତ ବୋର୍ଡ, ପାଟନା ଏବଂ ଅନ୍ୟମାନେ  ବନାମ ମେସର୍ସ ଗ୍ରୀନ୍ ରବର ଇଣ୍ଡଷ୍ଟ୍ରିଜ୍ ଏବଂ ଅନ୍ୟମାନେ, [1990] 1* **ଏସ. ସି. ସି. 731 ମାମଲା ଉପରେ ନିର୍ଭର କରାଯାଇଛି ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 1496/1993 ।

ତା 20.2.1985 ରିଖରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ପ୍ରଥମ ଆବେଦନ ସଂଖ୍ୟା 139/1974ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଆସିଛି ।

ଆବେଦନକାରୀ ପାଇଁ ରାଜ କୁମାର ମେହେଟ୍ଟା ।

ଏହି ନ୍ୟାୟାଳୟର ରାୟ  ନ୍ୟାୟମୂର୍ତ୍ତୀ ବି. ପି. ଜୀବନ ରେଡ୍ଡୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଆବେଦନକାରୀଙ୍କ ଅଧିବକ୍ତାଙ୍କ କଥା ଶୁଣାଯାଇଥିଲା । ସମନ ଜାରୀ କରାଯାଇଥିଲେ **ମଧ୍ୟ** ଉତରଦାତାଙ୍କ ପାଇଁ କେହି ଉପସ୍ଥିତ ନଥିଲେ । ଅନୁମତି ପ୍ରଦାନ  କରାଗଲା ।

ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡର ଏହି ଆବେଦନକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ରାୟ ବିରୁଦ୍ଧରେ ଆଗତ କରାଯାଇଛି ଯେଉଁଥିରେ ଉତରଦାତାଙ୍କ ଦ୍ୱାରା ଆଗତ ଆବେଦନକୁ ଆଂଶିକ ଭାବରେ  ଅନୁମତି ଦିଆଯାଇଛି । ଏହି ବିବାଦ ଉପଭୋକ୍ତା (ଏହି ଆବେଦନରେ ଉତ୍ତରଦାତା)ଙ୍କ ଦ୍ୱାରା ବକେୟା ବିଦ୍ୟୁତ ଦେୟ ପଇଠ ନକରିବା ଏବଂ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ ହେବା ତାରିଖ ଠାରୁ ପରବର୍ତ୍ତୀ ଅବଧି ପାଇଁ ସର୍ବନିମ୍ନ ବିଦ୍ୟୁତ ଶୁଳ୍କ ପ୍ରଦାନ କରିବା ଦାୟିତ୍ୱ ସହିତ ଜଡ଼ିତ ।

ଉତରଦାତା ହେଉଛନ୍ତି ଏକ ଶିଳ୍ପ । ଏହା ମାର୍ଚ୍ଚ 5,1965 ରେ ବିଦ୍ୟୁତ୍ ଯୋଗାଣ ପାଇଁ ଆବେଦନକାରୀଙ୍କ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲା । ଏହି ରାଜିନାମା ପାଞ୍ଚ ବର୍ଷ ପାଇଁ ବୈଧ ଥିଲା । 1965 ମସିହା ଜୁଲାଇ 31 ତାରିଖରୁ ସେ ଏହି ବିଦ୍ୟୁତ ଶକ୍ତିର ଲାଭ ଉଠାଇବା ଆରମ୍ଭ କରିଥିଲେ । ବିଦ୍ୟୁତ୍ ଶୁଳ୍କ ପ୍ରଦାନ ନକରିବା କାରଣରୁ 1968 ମସିହା ଏପ୍ରିଲ 30 ତାରିଖରେ ତାଙ୍କ ଶିଳ୍ପରୁ ବିଦ୍ୟୁତ ସଂଯୋଗକୁ  ବିଚ୍ଛିନ୍ନ କରାଯାଇଥିଲା । ଯେହେତୁ ଉପଭୋକ୍ତା ସଂଯୋଗ ବିଚ୍ଛିନ୍ନ ହେବା ତାରିଖ ଠାରୁ ପରବର୍ତ୍ତୀ ଅବଧି ପାଇଁ ସର୍ବନିମ୍ନ ଶୁଳ୍କ ଦେବାକୁ ବିଫଳ ହୋଇଥିଲେ, ବୋର୍ଡ 1 ଏପ୍ରିଲ 1968 ରୁ 30 ଏପ୍ରିଲ 1968 ମଧ୍ୟରେ ବ୍ୟବହୃତ ବିଦ୍ୟୁତ୍ ଏବଂ 1 ମେ 1968 ରୁ 5 ମାର୍ଚ୍ଚ 1970 ଅବଧି ପାଇଁ ସର୍ବନିମ୍ନ ଶୁଳ୍କ ପାଇବା କାରଣ ଯୋଗୁ ଏକ ମକଦ୍ଦମା ଦାୟର କରିଥିଲା । (ଏହା ମନେ ରଖିବାକୁ ହେବ ଯେ ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ରାଜିନାମା ମାର୍ଚ୍ଚ 5,1970 ପର୍ଯ୍ୟନ୍ତ ବୈଧ ଥିଲା)। ବିଚାର କରୁଥିବା ନ୍ୟାୟାଳୟର  ପୂର୍ଣ୍ଣ ସନ୍ତୁଷ୍ଟି ଅନୁଯାୟୀ ମକଦ୍ଦମାରେ ଆଇନଗତ

ଆଦେଶ ପ୍ରଦାନ କରି ମକଦ୍ଦମାର ତାରିଖ ଠାରୁ ଆଇନଗତ ଆଦେଶ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ ରାଶି ଉପରେ ବାର୍ଷିକ 6 ପ୍ରତିଶତ ସୁଧ ଏବଂ ସମ୍ପୂର୍ଣ୍ଣ ରାଶି ପ୍ରାପ୍ତ ହେବା ପର୍ଯ୍ୟନ୍ତ ସମାନ ହାରରେ ଭବିଷ୍ୟତ ସୁଧ ମଧ ଦେବାକୁ ଆଦେଶ ଦେଇଥିଲେ । ଆବେଦନ ଉପରେ, ଉଚ୍ଚ ନ୍ୟାୟାଳୟ କେବଳ ସଂଯୋଗ ବିଚ୍ଛିନ୍ନ ହେବା ତାରିଖ (ଏପ୍ରିଲ 30,1968) ପର୍ଯ୍ୟନ୍ତ ବିଚାର କରିଥିବା ନ୍ୟାୟାଳୟରେ ଆଇନଗତ ଅଦେଶକୁ ବଜାୟ ରଖିଥିଲେ, କିନ୍ତୁ ସଂଯୋଗ ବିଚ୍ଛିନ୍ନ ହେବା ତାରିଖ ଠାରୁ ପରବର୍ତ୍ତୀ ଅବଧି ପାଇଁ ଥିବା ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ । ଉଚ୍ଚ ନ୍ୟାୟାଳୟର ଯୁକ୍ତି ହେଉଛି ଯେ ସଂଯୋଗ ବିଚ୍ଛିନ୍ନ ହେବା ପରେ ଯୋଗାଣ ବନ୍ଦ ହୋଇଯାଇଥିଲା ଏବଂ ଉତ୍ତରଦାତା-ଉପଭୋକ୍ତା ସଂଯୋଗ ବିଚ୍ଛିନ୍ନ ହେବାର ପରବର୍ତ୍ତୀ ଅବଧି ମଧ୍ୟରେ ବିଦ୍ୟୁତ ଶକ୍ତିର କୌଣସି ଲାଭ ଉଠାଇନଥିଲେ, ଏହା ସର୍ବନିମ୍ନ ଦେୟ ଦେବାକୁ ଉତ୍ତରଦାୟୀ ନୁହନ୍ତି ।

ଏହି ଆବେଦନରେ, ଆବେଦନକାରୀଙ୍କ ବିଦ୍ୱାନ ଓକିଲଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ *ବିହାର ରାଜ୍ୟ ବିଦ୍ୟୁତ୍ ବୋର୍ଡ, ପାଟନା ଏବଂ ଅନ୍ୟମାନେ ବନାମ ମେସର୍ସ ଗ୍ରୀନ୍ ରବର ଇଣ୍ଡଷ୍ଟ୍ରିଜ୍ ଏବଂ ଅନ୍ୟମାନେ,* [1990] 1 ଏସ. ସି. ସି. 731 ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟ ଦ୍ୱାରା ଏଠାରେ ଉଠୁଥିବା ପ୍ରଶ୍ନ ବୋର୍ଡ ସପକ୍ଷରେ ସିଦ୍ଧାନ୍ତ ହୋଇଛି । ରାୟକୁ ଅନୁଧ୍ୟାନ କରିବା ପରେ ଆମେ ଜାଣିବାକୁ ପାଇଲୁ ଯେ ଏହା ଏପରି ଏକ ମାମଲା ଥିଲା ଯେଉଁଥିରେ *ଅନ୍ୟାନ୍ୟ ବିଷୟ ମଧ୍ୟରେ* ବିଦ୍ୟୁତ ବିଚ୍ଛିନ୍ନ ହେବା ତାରିଖ ଠାରୁ ଚୁକ୍ତି ସମାପ୍ତି ପର୍ଯ୍ୟନ୍ତ ଅବଧି ମଧ୍ୟରେ ଥିବା ଦାବି ଜଡିତ ଥିଲା । ସେହି କ୍ଷେତ୍ରରେ ମଧ, ଯେଉଁ ସମୟ ମଧ୍ୟରେ ଯୋଗାଣ ବିଚ୍ଛିନ୍ନ ରହିଥିଲା ଏବଂ ଉପଭୋକ୍ତାଙ୍କ ଦ୍ୱାରା କୌଣସି ଶକ୍ତି ବ୍ୟବହୃତ ହୋଇନଥିଲା, ସେହି ସମୟ ପାଇଁ ମଧ ବୋର୍ଡ ଦ୍ୱାରା ସର୍ବନିମ୍ନ ଶୁଳ୍କ ଦାବି କରାଯାଇଥିଲା । ଆମେ ଏହା ମଧ୍ୟ ପାଇଛୁ ଯେ ଚୁକ୍ତିର ଖଣ୍ଡ (4) କୁ ଉକ୍ତ ନିର୍ଣ୍ଣୟରେ ବିଚାର କରାଯାଇଛି ଏବଂ ଏଠାରେ ସମ୍ପୃକ୍ତ ଚୁକ୍ତିର ଖଣ୍ଡ (6) ଏବଂ (13) ଯଥେଷ୍ଟ ଭାବରେ ସମାନ ଅଛି । ଏଠାରେ ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିର ଖଣ୍ଡ (13) ଉପଭୋକ୍ତାଙ୍କୁ ଯାହାବି ହେଉ ଏକ ନିର୍ଦ୍ଦିଷ୍ଟ ସର୍ବନିମ୍ନ ଶୁଳ୍କ ଦେବାକୁ ବାଧ୍ୟ କରିଥାଏ । ଉକ୍ତ ଖଣ୍ଡ ନିମ୍ନମତେ ଏହିପରି ପଢାଯାଏ:

> " *ଖଣ୍ଡ 13:*
>
> ଏହି ରାଜିନାମା ଦ୍ୱାରା ଚାହିଦା ଅନୁଯାୟୀ ଯୋଗାଇ ଦିଆଯାଉଥିବା ବିଦ୍ୟୁତ ଏବଂ ବିଦ୍ୟୁତ ଶକ୍ତି ପାଇଁ ଉପଭୋକ୍ତା ଯନ୍ତ୍ରୀଙ୍କୁ (ଏଥିରେ ଥିବା ନିୟମାନୁସାରେ) ଦେୟ ପ୍ରଦାନ କରିବେ, ଯାହା ନିମ୍ନମତେ ନିର୍ଦ୍ଧାରଣ କରାଯାଇ ବର୍ଣ୍ଣନା କରାଯିବ । (ଶୁଳ୍କ ଉପରେ ସରକାରୀ ସଂକଳ୍ପ ଏଠାରେ ଯୋଡ଼ାଯିବ)
>
> *ବୃହତ ଶିଳ୍ପ: 11* କେ. ଭି. ର ଯୋଗାଣ ପାଇଁ 125 କେ. ଭି. ଏ. ଏବଂ ତା 'ଠାରୁ ଅଧିକ ଚାହିଦା ପାଇଁ
>
> (i) ମାସିକ କେ. ଭି. ଏ. ପିଛା ଟ 5.50/ଙ୍କା ରୁ ଅଧିକ
>
> (ii) ମାସିକ କେ. ଡବ୍ଲ୍ୟୁ. ଏଚ୍. ପିଛା 0.08 ପଇସା ହେବ, ଯଦି ମୋଟାମୋଟି ସର୍ବାଧିକ ହାର କେ. ଡବ୍ଲ୍ୟୁ. ଏଚ୍. ପିଛା 0.09 ପଇସା ହୁଏ । ଏବଂ ଚୁକ୍ତି ଦାବିର ସର୍ବନିମ୍ନ 75 ପ୍ରତିଶତ ଦେୟ ଉପରେ କୌଣସି ପ୍ରତିକୂଳ ପ୍ରଭାବ ବିନା, ଉପରୋକ୍ତ ହାରରେ ମାସିକ

କେ. ଭି. ଏ. ପିଛା  ଟ5.50/ଙ୍କା ଏବଂ ଶୁଳ୍କର ପ୍ରଥମ ଭାଗରେ 125 କେ. ଭି. ଏ. ଉପରେ ସମ୍ପୂର୍ଣ୍ଣ ସର୍ବନିମ୍ନ ଦେୟ ଉପରେ ନିର୍ଭର କରେ ।

250 କେ. ଭି. ଏ. ରୁ କମ୍ ଚାହିଦା ପାଇଁ କେ. ଡବ୍ଲ୍ୟୁ. ଭାବରେ ହିସାବ କରାଯାଇପାରେ ଏବଂ  ମାସିକ କେ. ଡବ୍ଲ୍ୟୁ. ପିଛା ଟ 6.00/ଙ୍କା ଲାଗୁ କରାଯାଇପାରେ । ଏହା ବ୍ୟତୀତ କେ.ଡବ୍ଲ୍ୟୁ.ଏଚ୍. କୁ  ଉପରୋକ୍ତରେ ବର୍ଣ୍ଣନା କରାଯାଇଥିବା ଦରରେ ଖର୍ଚ୍ଚ କରାଯାଇପାରେ । ଏମ୍. ଟି. ରେ 11 କେ. ଭି. ଏ. ଠାରୁ କମ୍ ଏବଂ 11 କେ.ଭି.ଏ. ଠାରୁ କମ  ଏମ. ଟି. ଏବଂ 11 କେ. ଭି. ଏ. ଠାରୁ କମ୍ ଏମ୍. ଟି. ଏବଂ ଏମ୍. ଟି ରେ ଯୋଗାଣ ପାଇଁ ଉପରୋକ୍ତ ଦରରେ  10 ପ୍ରତିଶତ ବୃଦ୍ଧି କରାଯିବ ।

ଏପରି ଏକ ସର୍ତ୍ତର କାରଣ ଏବଂ ଏହାର ଯଥାର୍ଥତାକୁ ଏହି ନ୍ୟାୟାଳୟ ଦ୍ୱାରା ଉପରୋକ୍ତ ନିର୍ଣ୍ଣୟରେ ଉଚିତ ଏବଂ ସମ୍ପୂର୍ଣ୍ଣ ଭାବରେ ବ୍ୟାଖ୍ୟା କରାଯାଇଛି । ଆମ ପାଇଁ ଏହାକୁ ପୁନରାବୃତ୍ତି କରିବାର ଆବଶ୍ୟକତା ନାହିଁ ।

ତଦନୁସାରେ ଆବେଦନକୁ ଅନୁମତି ଦିଆଗଲା । ଉଚ୍ଚ ନ୍ୟାୟଳୟଙ୍କ ରାୟକୁ ରଦ୍ଦ କରାଗଲା । ବିଚାର କରୁଥିବା ନ୍ୟାୟାଳୟର ରାୟ ଏବଂ ଆଇନଗତ ଆଦେଶକୁ ପୁନଃସ୍ଥାପିତ କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଆବେଦନକୁ ଅନୁମତି ଦିଆଗଲା ।

## ଅସ୍ୱୀକାର ପତ୍ର

*"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"*

*Translated by :*
*Shri Jatadhari Sethi,Translator,*
*High Court of Orissa, Cuttack.*